# ଉତ୍କଳ ଦିବସର ଐତିହାସିକ ଦିଶା ଓ ଦିଗନ୍ତ

ପ୍ରଫୁଲ୍ଲ କୁମାର ଦାସ

ଭାରତୀୟ ଐତିହ୍ୟର ଏକ ସୁନ୍ଦର ଓ ସମୁଜ୍ଜ୍ୱଳ ଅଧ୍ୟାୟ କଳିଙ୍ଗ–ଉତ୍କଳ–ଓଡ଼ିଶା । ଅନେକ ବୈଭବରେ ଭରପୂର ଓଡ଼ିଶାର ଚିତ୍ର ଓ ଚେହେରା । ଏଇ ସେହି ରାଜ୍ୟ ଉତ୍କଳ, ଯାହାର ସୁଉଚ୍ଚ ସାଂସ୍କୃତିକ ଓ ସମୃଦ୍ଧ ଇତିହାସ ରହିଛି । ଏ ମାଟିର ଅନୁପମ ପ୍ରାକୃତିକ ଏବଂ ନୈସର୍ଗିକ ଶୋଭା ସୌନ୍ଦର୍ଯ୍ୟ ଦେବୀ ଦେବତାଙ୍କୁ ମନ୍ତ୍ରମୁଗ୍ଧ କରିଆସୁଛି । ଦୂର ଅତୀତରେ ଏହାର ନୌବାଣିଜ୍ୟ ସଂସ୍କୃତି ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି । ଭାରତୀୟ କ୍ରାନ୍ତି ମୈଦାନରେ ଏହାର ଅନବଦ୍ୟ ଅବଦାନ ଜାତୀୟ ମୁଖ୍ୟସ୍ରୋତର ଗଙ୍ଗା ହୋଇ ବହିଛି । ଯାହାର ପ୍ରାକୃତିକ ଖଣିଜ ସମ୍ପଦ ଏ ମାଟିକୁ ରତ୍ନଗର୍ଭା ପରିଚୟ ପ୍ରଦାନ କରିଛି । 'ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାଣାଂ ଉତ୍କଳ ଶୃତ । ଉତ୍କଳସ୍ୟ ସମୋଦେଶ, ଦେଶ ନାସ୍ତି ମହୀତଳେ', ବୋଲି ପ୍ରବାଦ ରହିଛି ।

ଏଇ ସେଇ ଉତ୍କଳ, ଜଗନ୍ନାଥ ଯାହାର ସ୍ୱାଭିମାନ ଓ ଶ୍ରୀକ୍ଷେତ୍ର ବୈକୁଣ୍ଠ ସମାନ । ମହୋଦଧି ମଥାପିଟେ ଯାହାର ପୟରେ, ହୀରାଖଣ୍ଡ ହୀରାହାର ଯାହା ହୃଦୟରେ, ଏଇ ସେହି ବୀରମାଟି ଉତ୍କଳ ଜନନୀ, କଳିଙ୍ଗା ସାହସିକାଃ ଓ ଉତ୍କୃଷ୍ଟ କଳାରୁ ଉତ୍କଳ ଯାହାର ଐତିହାସିକ ସୁଗନ୍ଧ । ଏହାର ଐତିହ୍ୟ ଇତିବୃତ୍ତକୁ ନେଇ ଦେଶୀ ବିଦେଶୀ ଐତିହାସିକ ପରିବ୍ରାଜକ ଓ ଗବେଷକ ସେମାନଙ୍କ ଟୀକା ଟିପ୍ପଣୀ ଦେଇଛନ୍ତି, ଯାହା ସାମ୍ପ୍ରତିକ ଯୁଗର କବି ଲେଖକ ଓ ସାହିତ୍ୟିକମାନଙ୍କୁ ଲିପି କୋଣାର୍କ ନିର୍ମାଣ ପାଇଁ ସାରସ୍ୱତ ପୁଞ୍ଜି ଯୋଗାଇଛନ୍ତି । ସମୁଦ୍ର ବକ୍ଷରେ ଓ ପାହାଡ ବୁକୁରେ ଯାହାର କୀର୍ତ୍ତି ଓ କୃତିର ଅଲିଭା ଅଭୁଲା ସୁନେଲି ସ୍ମୃତି ଯୁଗ ଯୁଗ ଧରି ରହିଛି । ଏହାର ଉତ୍ପତ୍ତି ସମ୍ପର୍କରେ ବହୁ ମନୋରମ ଉପାଖ୍ୟାନ ଓ ଅନୁପମ ଆଲେଖ୍ୟ ରହିଛି ।

କେତେ ନଦନଦୀ, କେତେ ପାଠପୀଠ ଏହାର ଶୋଭା ସମ୍ପଦକୁ ଦ୍ୱିଗୁଣିତ କରିଛି, ଯାହାର ବର୍ଣ୍ଣନା କରିବା ଏ କ୍ଷୁଦ୍ର ଲଳିତ ନିବନ୍ଧରେ ସମ୍ଭବ ନୁହେଁ । ମହାଭାରତ ଯୁଗରେ ଏହାର ଚିତ୍ତାକର୍ଷକ ସ୍ଥିତି, ଭିତ୍ତି ଓ ଭାରତୀ କୁରୁକ୍ଷେତ୍ରକୁ ବିସ୍ମିତ କରିଥିଲା । ମହାମାନ୍ୟ ଐର ଖାରବେଳ, ଦିଗ୍‌ବିଜୟୀ କପିଳେନ୍ଦ୍ର ଦେବ ଯେଉଁ ମାଟିର କାଳଜୟୀ ଓ କଳାଜୟୀ ସମ୍ରାଟ । ଗଙ୍ଗାଠାରୁ ଗୋଦାବରୀ ଯାଏଁ ଯାହାଙ୍କ ସାମ୍ରାଜ୍ୟ ଥିଲା । ବ୍ୟୋମେ, ଜଳେ ସ୍ଥଳେ ଯା'ର ବିଜୟ ଧ୍ୱଜା ଫର ଫର ହୋଇ ଉଡୁଥିଲା । ଖ୍ରୀଷ୍ଟପୂର୍ବ କାଳରୁ ଏହି ମନୋରମ ଭୂଖଣ୍ଡ କଳିଙ୍ଗ ଭାବରେ ପରିଚିତ ହୋଇ ସୂର୍ଯ୍ୟବଂଶ ରାଜତ୍ୱ କାଳରେ ଏହି ଭୂଖଣ୍ଡ ଉତ୍କଳ ଓ ପରେ ଓଡ଼ିଶା ନାମରେ ଅଭିହିତ ହେଲା ।

ଓଡ଼ିଶା କହିଲେ ଜଗନ୍ନାଥ ଦେଶକୁ ବୁଝାଯାଏ । ଜଗନ୍ନାଥ ଧର୍ମ, କୋଣାର୍କ ମନ୍ଦିରକୁ ନେଇ ଏହାର ମାଟି ପାଣି ପବନ ଚର୍ଚ୍ଚିତ ଓ ଗର୍ବିତ । ବୀରଭୋଗ୍ୟା ରତ୍ନଗର୍ଭା କଳିଙ୍ଗର ରୂପ ଓ ଗୁଣରେ ମୁଗ୍ଧ ହୋଇ ମଗଧ ସମ୍ରାଟ ଅଶୋକ ଆକ୍ରମଣ କରିଥିଲେ ଏବଂ ଶେଷରେ ସୁର ଓ ସୁରଭିରେ ଆକର୍ଷିତ ହୋଇ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ଏଇ ସେଇ ମାଟି ଯାହାର କଥା ଓ ଗାଥା ଇତିହାସର ଚମକ ସୃଷ୍ଟି କରେ । ସ୍ୱର୍ଣ୍ଣପ୍ରସୂ ବସୁନ୍ଧରା ଉତ୍କଳର ବିଶ୍ୱ ବିସ୍ମୟ କୀର୍ତ୍ତିରାଜି ଆଜି ଇତିହାସର କେବଳ ସୁନେଲି ଛାଇ ଆଲୁଅ ହୋଇ ରହିଛି ।

ମୋଗଲ, ମରହଟ୍ଟା ଓ ଇଂରେଜ ଶାସନ ସମୟରେ ଏହି ବୀର ପ୍ରସବିନୀ ବନ୍ଦୀ ଓ ଛନ୍ଦି ହୋଇ ୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଭାବରେ ମାନ୍ୟତା ଲାଭ କରି ଆଜିଯାଏ ଏକ ଭାଷାଭିତ୍ତିକ ରାଜ୍ୟର ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଆସୁଛି । ଆଜି ଉତ୍କଳ ଦିବସ ଉପଲକ୍ଷେ ଉତ୍କଳ ଜନନୀର ସମ୍ମାନ ଓ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ବୀର ଓଡ଼ିଆ ଜାତି ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ,

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ ପ୍ରମୁଖ ବହୁ ମହାନ ବୀର ଓଡ଼ିଆଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି । ଯେଉଁମାନଙ୍କ ସଂଗ୍ରାମ, ସାଧନା ଓ ସିଦ୍ଧିର ଫଳ ଶ୍ରୁତି ଓଡ଼ିଶା ଓ ଓଡ଼ିଆ ଜାତିର ଅସ୍ମିତାକୁ ଆଜିଯାଏ ଚିର ସୁନ୍ଦର କରି ରଖିଛି, ସେମାନେ ଆମର ଯୁଗେ ଯୁଗେ ଚିର ବନ୍ଦନୀୟ । ମଧୁବାବୁଙ୍କ ଓଡ଼ିଶା, ବିଜୁବାବୁଙ୍କ ଓଡ଼ିଶା, ଉତ୍କଳ ସମ୍ମିଳନୀ, ଉତ୍କଳ ମିଳନ ଓ ଆଜିର ଓଡ଼ିଶାର ସ୍ଥିତି ଓ ଭାରତୀ ସମ୍ପର୍କରେ ବୀର ଓଡ଼ିଆ ଜାତି କେବେ ବିଶ୍ଳେଷଣ କରିଛି କି ? ଓଡ଼ିଆ ଜାତିର କର୍ମଠ ଓ ଦକ୍ଷ ମାନବ ସମ୍ବଳ ସମ୍ପଦର ସଦୁପଯୋଗ ସ୍ୱପ୍ନ ଦେଖିଛି କି ? ଜଗନ୍ନାଥ ଧର୍ମ ସଂସ୍କୃତି ବିଶ୍ୱର ମାନବବାଦ ପ୍ରଚାର କରିଥିବା ବେଳେ ଓଡ଼ିଶୀନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଏବେ ପ୍ରାଚୀନ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇ ସମଗ୍ର ରାଜ୍ୟକୁ ଉତ୍ସବମୁଖର କରିଛି । ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ଏ ଜାତି ଶତସିଂହର ପରାକ୍ରମଶାଳୀ କରିଛି । ଯାହାର ନିଃଶ୍ୱାସ ଓ ବିଶ୍ୱାସରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଶିଖର ଛୁଇଁଛି । ଏଇ ସେଇ ଉତ୍କଳ ଜନନୀ । ଯାହାର ପ୍ରତିଟି କଙ୍କର ଅସୁମାରୀ ସ୍ୱପ୍ନର ଗନ୍ତାଘର । ଆଜି ଅଣାଅଶୀ ବର୍ଷର ଏ ଶିଥିଳ ମାଟି ଉତ୍କଳ ଦିବସରେ ରୋମାଞ୍ଚିତ ହୁଏ । ସୁନାସୁନା ସ୍ୱପ୍ନ ଓ ସମ୍ଭାବନାମୟ ଓଡ଼ିଶାର ସୁନେଲି ଅତୀତକୁ ମନେପକାଅ । ମଧୁ ଓ ବିଜୁଙ୍କ ଆଖି ପୂରାଇ ଦେଖ ତେବେ ଯାଇ ଏ ମାଟି ମାଆର ଉଗ୍ର ସ୍ୱାଭିମାନ ଜାଣିପାରିବ । ଏଇ ଲେଖକଙ୍କ ପ୍ରାଚୁର୍ଯ୍ୟଭରା ସମୃଦ୍ଧ ଉତ୍କଳର ଏକ ମନୋରମ ଚିତ୍ର ବାର ବାର ନାଚି ନଚେଇଛି ଓଡ଼ିଆ ଜାତିକୁ ଯାର ଦୃଷ୍ଟାନ୍ତ ଓଡ଼ିଶାର ଗଣମାଧମ । ଚନ୍ଦନ ଶୀତଳ ଖଣ୍ଡଗିରି ଶିଳ୍ପେ ଯା'ର ପରାଜିତ ବିଶ୍ୱକର୍ମା ଦେବ ଶିଳ୍ପୀ ବର । ଏଇ ସେଇ ବୀର ଉତ୍କଳ ଯାର ଅଛି ଦ୍ୱିତୀୟ ଜାହ୍ନବୀ । ଅପ୍ରେଲ ଅଗଣାରେ ଆଜି ସଜଫୁଲର ମହକ । ଘରେ ଘରେ ଝୋଟିଚିତା ଉତ୍ସବର ବାସ୍ନା । ଏ ଜାତି ଦିନେ ବିଶ୍ୱ ବିସ୍ମୟ କୋଣାର୍କ ଗଢ଼ିଥିଲା । ଯାର ସାରସ୍ୱତ କୋଳରେ ଜନ୍ମ ନେଇଥିଲା ଗୀତଗୋବିନ୍ଦ । ଏ ସେଇ ଦେଶ ଯେଉଁଠି ପଠାଣୀ ସାମନ୍ତ ଓ ନେତାଜୀ ସୁଭାଷ ଜନ୍ମଗ୍ରହଣ କରିଥିଲେ ।

ଓଡ଼ିଶାର ହିରଣ୍ମୟ ସ୍ମୃତି, ସୁନେଲି ସଂକଳ୍ପ ଓ ଐତିହାସିକ ଆତ୍ମସମୀକ୍ଷାର ଦିବସ ଉତ୍କଳ ଦିବସ । ବୀରତ୍ୱ ଓ ଦୁଃସାହସର ଅପୂର୍ବ ଗାଥାରେ ଚିତ୍ରପୁରି ଓଡ଼ିଶାର ଇତିହାସ । ବୀର ଓଡ଼ିଆ ପାଇକର ସିଂହ ପରାକ୍ରମ ଆମର ଗର୍ବଗୌରବ । ଆସାମ ଓ ବଙ୍ଗଳା ଭାଷାଠାରୁ ଆମ ଭାଷା ପ୍ରାଚୀନ । ମମତା ମଞ୍ଜୁଳ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ଧର୍ମ, ପରମ୍ପରା, ଚିତ୍ରକଳା, ସ୍ଥାପତ୍ୟ ଓ ଜୀବନ ଶୈଳୀର ସ୍ୱତନ୍ତ୍ର ପରିଚୟ ମାନବ ସଭ୍ୟତା ଏବଂ ଇତିହାସର ପୁଞ୍ଜି । ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଏହାର ପ୍ରଗତିରେ ସମ୍ବଳ, ସାମର୍ଥ୍ୟ ଓ ସମ୍ଭାବନାର ସୁଶୀତଳ ସୁରଭିବାହୀ ପବନ ବହିଛି । ଉଲ୍ଲେଖନୀୟ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିର ମିଠାମିଠା ସୁର ତରଙ୍ଗ ମହୋତ୍ସବର ମହୋଦଧି ପାଲଟିଛି । ତଥାପି ଜାତୀୟତାର ବିଷାଦ ଯୋଗ ଓଡ଼ିଶାର ମାନଚିତ୍ରକୁ ଆଚ୍ଛାଦିତ କରିଛି । ଉତ୍କଳୀୟ ସ୍ୱାଭିମାନର ଲଢେଇ ଜାରି ରହିଛି । ଧର୍ମ ସଂସ୍କୃତିର ସମନ୍ୱୟ ଗଙ୍ଗା ବହିଥିଲେ ମଧ୍ୟ ସାଗର ସଙ୍ଗମ ବହୁଦୂର ରହିଛି । ଫଳରେ ଏ ଜାତି ଖାରବେଳଙ୍କ ଦାୟାଦ ଓ କପିଳେନ୍ଦ୍ର ଦେବଙ୍କ ବଂଶଧର ଭାବରେ ଆତ୍ମମର୍ଯ୍ୟାଦା ରକ୍ଷା କରିପାରୁନାହିଁ । କଳିଙ୍ଗର ପ୍ରାଚୀନ ଭୂଗୋଳ ଭୁଲିଯାଉଛି । ଯେଉଁ ମାଟିର ଦୁର୍ଦ୍ଦଶା ଦେଖି କବିଶେଖର ଚିନ୍ତାମଣି ମହାନ୍ତି ଗାଇ ଉଠିଥିଲେ– ବୀରତ୍ୱର ବରଭୂଷା ଯେଉଁ ବୀରମାନେ, ନଥିଲା ଅସାଧ୍ୟ ଶବ୍ଦ ଯା'ଙ୍କ ଅଭିଧାନେ, ତାଙ୍କରି ବଂଶଜ ମର ଆଳସ୍ୟ ଆଳାପେ, କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ ?

ସରଗୁ ବଳି ଏ ଜନମ ଭୂମିର ହେଲେ ତିଳେ ଅପମାନ, ଏ ବୀର ଓଡ଼ିଆ ସିଂହପରି ଗର୍ଜି ରଖୁଥିଲେ ତା' ସମ୍ମାନ । ଶୌର୍ଯ୍ୟ ବୀର୍ଯ୍ୟରେ ଦୀପ୍ତିମନ୍ତ ଏ ଜାତି, ଏ ନୁହେଁ, କାହାଣୀ ଆଗାମୀ ଶତାବ୍ଦୀ ପାଇଁ ଅସରନ୍ତି ପ୍ରେରଣାର ଉତ୍ସ ଓ ଉତ୍ସବ । ବିଡମ୍ବିତ ଇତିହାସର ପୃଷ୍ଠା ଦେଖିଲେ ଆଖି ଆଗରେ ନାଚିଯାଏ କଳିଙ୍ଗ–ଉତ୍କଳ–ଓଡ଼ିଶାର ଗତ ଯୁଗର ଶତ ଗୋଧୂଳି । ସାମ୍ପ୍ରତିକ ଇତିହାସର ଅବୟବରୁ ପ୍ରାଣ ଚାଲିଯାଏ । ମୋତେ ଲାଗେ ଏବେ ବି ଓଡ଼ିଶା କଳିଙ୍ଗ ପରି ଦୃଶ୍ୟମାନ । ଯେଉଁଠି ଖୁନ୍ଦି ହୋଇଛି ଖାରବେଳ କପିଳେନ୍ଦ୍ର ଦେବଙ୍କ ମାଟିର ବାସ୍ନା । ସଂସ୍କାର ଓ ସ୍ୱାଭିମାନରେ ଉଙ୍କି ମାରୁଛି ଓଡ଼ିଶାର ଗାରିମା, ଝଙ୍କୃତ ହେଉଛି ଦୁଃସାହସିକତାର ଆଦି ଓଁକାର, ସାଧନାରୁ ସିଦ୍ଧିଯାଏ ସବୁ ଆଗପରି । ସୁରୁଜର ଝରା ପହିଲି କିରଣ ସାଗର ଲହରି ସକାଳ ବନ୍ଦାଣ ଜହ୍ନର ଛାଇତଳେ, କହ ମା' ଶାରଳେ କାହିଁକି ଉତ୍କଳେ ଶାଶ୍ୱତ ଦୀପ ନ ଜଳେ । ଶେଷରେ 'ମଧୁ ଗୋପବନ୍ଧୁ ଫକୀର ସୁରେନ୍ଦ୍ର ବିଜୁବାବୁ ମହତାବ, ତାଙ୍କରି ଉଦ୍ୟମେ ସ୍ୱତନ୍ତ୍ର ଉତ୍କଳ ଲଭିଅଛି ଗଉରବ ।' ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଥିବା ମହାନ ଅବଦାନ କଳ୍ପକାଳ ଯାଏଁ ଅବିସ୍ମରଣୀୟ ହୋଇ ରହିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବନ୍ଦେ ଉତ୍କଳ ଜନନୀ ।

ସମ୍ପାଦକ
ଗୋପବନ୍ଧୁ ସାହିତ୍ୟ ସଂସଦ, ଚାନ୍ଦବାଲି, ଭଦ୍ରକ